# Akashvani, Sambalpur

## SAMBALPURI NEWS EVENING BULLETIN

## 31 January 2026 - 7.02 pm- 7.12 pm.

*********************************************

୧- ସଂସଦ୍ ନ ଆଏବା କାଏଲ୍ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପସ୍ଥାପନ୍ କର୍‌ବେ- କେନ୍ଦ୍ର ଅର୍ଥମନ୍ତ୍ରୀ ।

୨- ରାଜ୍ୟ କେବିନେଟ୍ ବୈଠକ୍‌ଥି ୧୦ ଟା ବିଭାଗ୍‌ର ୧୨ ଟା ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

- ରାଜ୍ୟ ସମବାୟ ନୀତି, ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ-୨୦୨୬କେ ମିଲ୍‌ଲା ଅନୁମୋଦନ୍ ।

୩- ରାଏଜେ ମହିଲା ଡ୍ରାଇଭର୍‌ମାନେ ଚଲାବେ ଆମ ବସ୍ ।

- ତାଲିମ୍  ନେବାର୍‌କେ ପୁନେ ଗଲେ ୨୦ ଝନ୍ ମହିଲା ।

ଆଉର୍

୪- ରାଏଜେ ଏବ୍‌ତକ୍ ୨ ଲାଖ୍‌ନୁ ଅଏତ୍‌କା କୁଇଂଟାଲ୍ ଧାନ୍ ଘିନା ସର୍‌ଲାନ ।

- ଧାନ୍ ବିକ୍‌ବାର୍‌ନୁ କେନ୍‌ସି ଚାଷୀ ବାଦ୍ ନାଇଁ ପଡ଼ନ୍- କହେଲେ ଯୋଗାଣ ମନ୍ତ୍ରୀ ।

ସାଧାରଣ ବଜେଟ୍         ଏନ୍‌ଏସ୍‌ଡି

ଅର୍ଥମନ୍ତ୍ରୀ ନିମଳା ସୀତାରମଣ୍ ଆଏବା କାଏଲ୍ ଲୋକ୍‌ସଭା ନ ୨୦୨୬-୨୭ ଆର୍ଥିକ୍ ବଛର୍‌ର ବଜେଟ୍ ଉପସ୍ଥାପନ୍ କର୍‌ବେ । ତାର୍ ଉତ୍‌ରୁ ବଜେଟ୍‌ର ଗୁଟେ କପି ରାଜ୍ୟସଭା ନ ଉପସ୍ଥାପନ୍ କରାଯିବା ।  ସଂସଦ୍‌ର ଦୁହି ଗୃହ ନ ବଜେଟ୍ ଭାଷଣ୍ ଶେଷ୍ ହେବାର୍ ଉତ୍‌ରୁ ବଜେଟ୍ ଦସ୍ତାବିଜ୍ ସବୁ ମୋବାଇଲ୍ ଆପ୍ ଆଉ ୱେବ୍‌ସାଇଟ୍‌ଥି ମିଲିପାର୍‌ବା । ବଜେଟ୍ ଉପସ୍ଥାପନ୍ ଉତ୍‌ରୁ ଦେଶର୍ ଭିନ୍ ଭିନ୍ ଇଲାକାର୍ ପାଖାପାଖି ୩୦ ଝନ୍ କଲେଜ୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଆଏବା କାଏଲ୍ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ୍ ବଜେଟ୍ ବାବ୍‌ଦେ ଆଲୋଚନା କର୍‌ବେ । ଇ ଛାତ୍ରଛାତ୍ରୀମାନେ ଆଏବା କାଏଲ୍ ଲୋକ୍‌ସଭା ଗେଲେରୀନୁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ୍ ସିଧାସଲଖ୍ ଦେଖିପାର୍‌ବେ ।

କେବିନେଟ୍ ବୈଠକ୍               ଆଇ ଆଣ୍ଡ ପିଆର୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍ ନ ଆଏଜ୍ ରାଜ୍ୟ କେବିନେଟ୍‌ର ୩୫ ନମ୍ବର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୧୦ଟା ବିଭାଗର୍ ୧୨ଟା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ମଞ୍ଜୁର କରାଯାଇଛେ । ସେଥିର୍ ଭିତ୍‌ରେ

ଫେବୃୟାରୀ ୧୭ ତାରିଖ୍‌ନୁ ହେବାର୍‌କେ ଥିବା ସପ୍ତଦଶ ବିଧାନ ସଭାର ବଜେଟ୍ ଅଧବେଶନ୍ ବାବ୍‌ଦେ ଗୁଟେ ପ୍ରସ୍ତାବ୍ ରହିଛେ । ଇ ବାବ୍‌ଦେ ଗଣମାଧ୍ୟମକେ ସୂଚ୍‌ନା ଦେଇକରି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍, ବୈଠକ୍‌ଥି ରାଜ୍ୟ ସମବାୟ ନୀତି, ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ -୨୦୨୨ର ସଂଶୋଧନ୍, ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ-୨୦୨୬, ଓଡ଼ିଶା ସୁପିରିୟର୍ ଜୁଡ଼ିସିଆଲ୍ ସର୍ଭିସ୍, ଜୁଡ଼ିସିଆଲ୍ ସର୍ଭିସ୍ ରୁଲ୍ -୨୦୨୬ ସଂଶୋଧନ୍‌କେ ମଞ୍ଜୁର୍ କରାଯିବାର୍ ସହେତେ ଜଲ୍‌ସମ୍ପଦ୍ ବିଭାଗ୍‌ର ଡାଇଭର୍ସନ୍ ସିଷ୍ଟମ୍ ଲାଗି ୩ ଶହ ୬୨ କୋଟି ଟଙ୍କାର୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଛେ । ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର୍ ପୁର୍ନଗଠନ୍ ସଙ୍ଗେ ସେମାନ୍‌କର୍ ପଦୋନ୍ନତି ନିୟମାବଳୀକେ ଭିଲ୍ କେବିନେଟ୍‌ର ମଞ୍ଜୁରୀ ମିଲିଛେ । ଇତାର୍‌ସହେତେ ମାର୍ଚ୍ଚ ମାସ୍‌ତକ୍ ସିଙ୍ଗାପୁର୍ ଆଉ ଦୁବାଇକେ ବିମାନ୍ ଚଲାଚଲ୍ କର୍‌ବାର୍ ନିଷ୍ପତିକେ ଭିଲ୍ ବୈଠକ୍‌ଥି ଅନୁମୋଦନ୍ କରାଯାଇଛେ ବଲି ମୁଖ୍ୟ ଶାସନ୍ ସଚିବ ଶ୍ରୀମତୀ ଗର୍ଗ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଲୋକ୍‌ସେବା ଭବନ୍ ନ ୧୧ ଶ୍ରେଣୀର୍ ବିଜ୍ଞାନ୍ ଛାତ୍ରଛାତ୍ରୀମାନ୍‌କର୍ ଓଡ଼ିଆ ଭାଷାଥି ତିଆର୍ ହେଇଥିବା ସନ୍ଦର୍ଭ ବହି ମାନ୍‌କର୍ ଉନ୍ମୋଚନ୍ କରିଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଇ ବହି ମାନ୍‌କର୍ ଜରିଏ ଗଣିତ, ପଦାର୍ଥ ବିଜ୍ଞାନ୍, ରସାୟନ ବିଜ୍ଞାନ୍, ଆଉ ଜୀବ ବିଜ୍ଞାନ୍ ବାଗିର୍ ବହି ରହିଛେ । ଉଚ୍ଚବିଦ୍ୟାଳୟ ମାନ୍‌କେ ଇ ବହି ଆଗ୍ରୁ ନାଇଁଥିବାର୍‌ନୁ ସର୍‌କାର୍‌ଙ୍କର୍ ତର୍‌ଫୁ ଫି’ ବିଦ୍ୟାଳୟମାନ୍‌କେ ୧୦ ନୁ ୨୦ ଟା ଲେଖା ବହି ଯୁଗେଇ ଦିଆଯିବା । ଇ ବହି ସବୁ ବିଦ୍ୟାଳୟମାନ୍‌କର୍ ଗ୍ରନ୍ଥାଳୟ ନ ରହେବା । ଇତାର୍‌ସହେତେ ଫି’ ଜିଲ୍ଲା ସଦର୍ ମହକୁମା ବହିଦୁକାନ୍ ମାନ୍‌କେ ଭିଲ୍ ଇଟା ମିଲିପାର୍‌ବା । ରାଜ୍ୟର୍ ୭ ଶହଟା ଉଚ୍ଚ ମାଧମିକ ବିଦ୍ୟାଳୟର୍ ଲାଖେ ୨୦ ହଜାର୍ ଛାତ୍ରଛାତ୍ରୀଙ୍କୁ ଇ ବହି ମିଲିପାର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଆମ ବସ୍ - ମହିଳା ଡ୍ରାଇଭର୍ ଆଇ.ଆଣ୍ଡ୍.ପି.ଆର୍

ସହରୀ ଇଲାକାର୍ ପରିବହନ୍ କ୍ଷେତ୍ରଥି ମହିଳାମାନ୍‌କର୍ ସହଭାଗିତା ସୁନିଶ୍ଚିତ୍ କର୍‌ବାର୍ ଲାଗି ଆମ ବସ୍ ସେବାଥି ମହିଳା ଡ୍ରାଇଭର୍ ମାନ୍‌କୁ ସାମିଲ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେଇଛନ୍ । ପହେଲା ଖେପେ ୨୦ ଝନ୍ ମହିଳା

ଡ୍ରାଇଭର୍‌ଙ୍କୁ ଇଲେକ୍ଟ୍ରିକ୍ ବସ୍ ଚଲାବାର୍ ଲାଗି ତାଲିମ୍ ଦିଆଯିବା । ୧୪ ଦିନ୍‌ତକ୍ ସେମାନେ ଉନ୍ନତ୍ ଗାଡ଼ିଚାଲନା, ସୁରକ୍ଷା ପ୍ରକଳ୍ପ ଆଉ ପରିଚାଳନା ଉତ୍କର୍ଷତା ଉପ୍‌ରେ ତାଲିମ୍ ନେବେ । ଇ ମହିଳା ଡ୍ରାଇଭର୍ ମାନେ ତାଲିମ୍ ନେବାର୍‌କେ ଆଏଜ୍ ପୁନେ ଯାଇଛନ୍ । ମହିଳାମାନ୍‌କର୍ ପୁନେ ଯିବାର୍ ଆଘୋନୁ ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆଉ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀ ଆଏଜ୍ ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ସେମାନ୍‌କୁ ଭେଟିକରି ଶୁଭେଚ୍ଛା ଜନେଇଥିଲେ । ତାଲିମ୍ ଶେଷ୍ କରିକରି ଜନପରିବହନ୍ ସେବାଥି ଉଦାହରଣ୍ ସୃଷ୍ଟି କର୍‌ବାର୍ ଲାଗି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ମହାପାତ୍ର ସେମାନ୍‌କୁ ପରାମର୍ଶ ଦେଇଛନ୍ ।
(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ମହାପାତ୍ର)

ଯୋରନ୍ଦା ମେଳା ଢେଙ୍କାନାଲ୍ ସମ୍ବାଦଦାତା

ଢେଙ୍କାନାଲ୍ ଜିଲ୍ଲା ଯୋରନ୍ଦା ମହିମା ଗାଦୀ ନ ଆଏଜ୍‌ଠାନୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ମୁଲ୍ ହେଇଛେ । ସଞ୍ଜ୍‌ବେଲର୍ ୫ ବଜେ ଝାଡ଼ଦୀପ- ଗାଦିମନ୍ଦିର, ବତୀଘର ଆଉ ଶୂନ୍ୟମନ୍ଦିର୍ ନ ଜଲାଯାଇଥିଲା । ମେଳାଥି ରାଜ୍ୟ, ରାଜ୍ୟ ବାହାର୍ ସହେତେ ନେପାଲ୍‌ନୁ ଭିଲ୍ ମହିମା ସାଧୁସନ୍ଥମାନେ ସାମିଲ୍ ହେଇଛନ୍ । ଯୋରନ୍ଦାମେଳାଥି ଆଏବା କାଏଲ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଧାନ୍‌ଘିନା-ଯୋଗାଣ ମନ୍ତ୍ରୀ ଏକ୍ସ

ରାଏଜେ ଠିକ୍ ଭାବେ ଧାନ୍ ଘିନା ପ୍ରକ୍ରିୟା ଚାଲିଛେ । ଏବ୍‌ତକ୍ ୨ ଲାଖ୍‌ନୁ ଅଏତ୍‌କା କୁଇଂଟାଲ୍ ଧାନ୍ ଘିନା ସର୍‌ଲାନ । ଯେତ୍‌କି ଚାଷୀ ଟୋକନ୍ ପାଇଛନ୍ ସମ୍‌କର ଧାନ୍‌ଘିନା ଯିବା । କାହାରିର୍ ଟୋକନ୍ ଲେପ୍ସ ନାଇଁ ହୁଏ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଟୋକନ୍ ଲେପ୍ସ ହେଇ ଯାଇଥିବା ଚାଷୀମାନ୍‌ଙ୍କୁ ଫେର୍ ଘାଏ ଟୋକନ୍ ଯୁଗେଇ ଦେବାର୍ ଲାଗି ଜିଲ୍ଲାପାଲ୍‌ମାନଙ୍କୁ ଭିଲ୍ ୧୫ ଦିନ୍ ଲେଖା ସମିଆ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍...

(ଭଏସ୍-ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର)

ବିଜେପି ରାଜ୍ୟପ୍ରଭାରୀ ଗସ୍ତ ନୂଆପଡ଼ା ସମ୍ବାଦଦାତା

ଭାରତୀୟ ଜନତା ପାର୍ଟିର୍ ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍ ଆଏଜ୍ ନୂଆପଡ଼ା ଗସ୍ତ କରିକରି ଜିଲ୍ଲା ଦଳୀୟ

କାର୍ଯ୍ୟାଳୟ ନ ସାଂଗଠନିକ୍ ବୈଠକ୍‌ଥି ଯୋଗ୍ ଦେଇଥିଲେ । ରାଜ୍ୟ ସାଧାରଣ ସମ୍ପାଦକ୍ ଶାରଦା ପ୍ରସାଦ୍ ଶତ୍‌ପଥୀ ଭିଲ୍ ତାଙ୍କର୍ ସଙ୍ଗେ ଯାଇଛନ୍ ।

ଜାତୀୟ ସଡ଼କ ସୁରକ୍ଷା ମାସ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଆଂଚଲିକ ପରିବହନ୍ କର୍ତୃପକ୍ଷ ଆଉ ଜିଲ୍ଲା ସଡ଼କ ସୁରକ୍ଷା କମିଟି ତର୍‌ଫୁ ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ ଉଦ୍‌ଯାପିତ୍ ହେଇଯାଇଛେ । ଭବାନୀପାଟ୍‌ନା ସର୍‌କାରୀ ମହିଳା ମହାବିଦ୍ୟାଳୟ ନ ହେଇଥିବା ଉଦ୍‌ଯାପନୀ ସମାରୋହଥି ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସଡ଼କ ସୁରକ୍ଷାର୍ ଗୁରୁତ୍ୱ ବାବ୍‌ଦେ ବୁଝେଇଥିଲେ । ଜାନୁଆରୀ ୧ ତାରିଖ୍‌ନୁ ଚାଲିଥିବା ସଡ଼କ ସୁରକ୍ଷା ମାସ ଅବ୍‌ସରେ ଜନସାଧାରଣ୍, ବିଦ୍ୟାଳୟ ଆଉ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ସଡ଼କ୍ ସୁରକ୍ଷା ବାବଦ୍ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିଲା ।

ଶିଶୁ ପାଇଁ ଦିନଟିଏ  କାର୍ଯ୍ୟକ୍ରମ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ଶିଶୁ ସୁରକ୍ଷା ଆଉ ବାଲ୍ୟବିବାହ ନିରାକରଣ୍ ସମୀକ୍ଷା ବୈଠକ୍ ହେଇଥିଲା । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛୁଆମାନ୍କର୍ ସୁରକ୍ଷା ଲାଗି ବ୍ୟାପକ୍ ଜନସଚେତନତା ସହେତେ ଭିନ୍ ଭିନ୍ ବିଭାଗ୍, ଏନ୍ଜିଓ ଆଉ କମିଟିମାନେ ଆହୁରି କ୍ରୀୟାଶୀଳ ହେବାର୍କେ ପଡ୍ବା ବଲି କହିଛନ୍ । ପାଠ୍ପଢ଼ାନୁ ବାଦ୍ ପଡ଼ିଥିବା ଛୁଆମାନ୍କୁ ଠାବ୍ କରିକରି ସେମାନ୍କର୍ ପାଠ୍ପଢ଼ା ସୁନିଶ୍ଚିତ୍ କର୍ବାର୍ ଲାଗି ଜିଲ୍ଲାପାଲ୍ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ ।

ଡାହାଣୀ ନିର୍ଯ୍ୟାତନା ନିରୋଧୀ ସଚେତନତା  ବୌଦ୍ଧ

ସମ୍ବାଦଦାତା

ଅନ୍ଧବିଶ୍ୱାସ୍ଥି ପଡ଼ିକରି ଟଣେହି ସନ୍ଦେହଥି ମହିଳାମାନ୍କର୍ ଉପ୍ରେ ହେଉଥିବା ନିର୍ଯ୍ୟାତନା ରୁକ୍ବାର୍ ଲାଗି ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ । ଇ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଜିଲ୍ଲାପାଲ୍ ଉପସ୍ଥିତ୍ ଥିବା ଭିନ୍ ଭିନ୍ ବିଭାଗ୍ର ଅଧିକାରୀ, ସ୍ୱେଚ୍ଛାସେବୀ ଆଉ ମହିଳା କର୍ମଚାରୀମାନ୍କୁ ପରାମର୍ଶ ଦେଇଛନ୍ ।

ଜାତୀୟ ଶିଶୁ କନ୍ୟା ଦିବସ୍          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଜାତୀୟ ଶିଶୁ କନ୍ୟା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ୍‌ଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ବାଳିକା ମାନ୍‌କର୍ ସୁରକ୍ଷା ଆଉ ସେମାନ୍‌କର୍ ବ୍ୟକ୍ତିତ୍ୱର୍ ବିକାଶ୍ ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ କ୍ଷେତ୍ରର୍ କୃତୀ ଛାତ୍ରୀମାନ୍‌କୁ ଜିଲ୍ଲାପାଲ୍ ସମ୍ବର୍ଦ୍ଧିତ୍ କରିଥିଲେ ।

ମାଘ୍‌ମେଳା          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଖଲିଆପାଲି ଭୀମଭୋଇ ସମାଧି ପୀଠ ନ ଚାଲିଥିବା ମାଘ୍‌ମେଳାଥି ମହିମାଧର୍ମୀ ସାଧୁସନ୍ଥ ଆଉ ଶ୍ରଦ୍ଧାଳୁମାନ୍‌କର୍ ଜବର୍ ଭିଡ଼୍ ଜମିଛେ । ଆଏଜ୍ ସନ୍ଧ୍ୟା ହେବାର୍ ଆଘୋନୁ ସୂର୍ଯ୍ୟଙ୍କୁ ଶୂନ୍ୟଶରଣ୍ ମାନ୍ୟ ପୂଜନ କର୍‌ବାର୍ ସହେତେ ବାବା ଆଉ ମାତାମାନେ ଅଖଣ୍ଡ ଧୁନି ଥାପ୍‌ନା କରିଛନ୍ । ଇ ଅବ୍‌ସରେ ହଜାର୍ ହଜାର୍ ଶ୍ରଦ୍ଧାଳୁ କବିଙ୍କର୍ ସମାଧି ପୀଠ ପରିଦର୍ଶନ୍ କରିକରି ତାଙ୍କର୍ କଠଉ

ମନ୍ଦିର, ଭଜନ୍ ମଣ୍ଡପ୍ ପରିଦର୍ଶନ୍ କର୍‌ବାର୍ ସହେତେ ଶୂନ୍ୟବ୍ରହ୍ମଙ୍କୁ ଦୀପଦାନ କରିଛନ୍ ।

ଆକାଂକ୍ଷୀ ଜିଲ୍ଲା ସମ୍ପୂର୍ଣ୍ଣତା ଅଭିଯାନ୍        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଭୀମଭୋଇ ମେଡ଼ିକାଲ୍ କଲେଜ୍ ପରିସର୍ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ କେନ୍ଦ୍ର ସର୍‌କାର୍‌ଙ୍କର୍ ଆକାଂକ୍ଷୀ ଜିଲ୍ଲା ସମ୍ପୂର୍ଣ୍ଣତା ଅଭିଯାନ୍ ୨ ନମ୍ବର୍ ଖେପ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ ଦେବକୀ ସାହୁ ଆଉ ଜିଲ୍ଲାପାଲ୍ ଗୌରବ୍ ଶିୱାଜୀ ଇସଲ୍‌ୱାର୍ ଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌ର ୧୨ ଟା ମାପଦଣ୍ଡ ବାବ୍‌ଦେ ମତାମତ୍ ଦେଇଥିଲେ ।

ସୁଭଦ୍ରା ଶକ୍ତିମେଳା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନେସ୍‌ନାଲ୍ କଲେଜ୍ ପଡ଼ିଆ ନ ଫେବୃଆରୀ ୨୪ ନୁ ମାର୍ଚ୍ଚ ୨ ତାରିଖ୍‌ତକ୍ ସୁଭଦ୍ରା ଶକ୍ତିମେଳା ଆୟୋଜନ୍ କରାଯିବା ।  ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ଗୁଟେ ବୈଠକ୍‌ଥି ଇ ବାବ୍‌ଦେ ନିଷ୍ପତି ନିଆଯାଇଛେ ।

ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି  ତାଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ୍ ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାପାଳ୍ ଜନଶୁଣାଣି ପୋର୍ଟାଲ୍ ଜରିଏ ଆସୁଥିବା ଶିକ୍ଷା ବାବଦ୍ ସବୁ ଅଭିଯୋଗ୍କେ ୭ ଦିନ୍ ଭିତ୍ରେ ସମାଧାନ୍ କର୍ବାର୍କେ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଗୁଣାତ୍ମକ ଶିକ୍ଷା ବାବ୍ଦେ ଜୋର୍ ଦେବାର୍ ସହେତେ ଆଏବା ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାକେ ଜିଲ୍ଲା ନ ତ୍ରୁଟିଶୂନ୍ୟ କର୍ବାର୍ ଲାଗି ପରାମର୍ଶ ଦେଇଛନ୍ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ହପ୍ତତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଇ ସମିଆଥି ପୁରୀ, ଜଗତ୍ସିଂହପୁର୍ ଆଉ କେନ୍ଦ୍ରାପଡ଼ା ନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।